# ନବମ ଅଧ୍ୟାୟ

## ଆମ ଦେଶର ଆମଦାନୀ ଓ ରପ୍ତାନି

ଆମେ ବ୍ୟବହାର କରୁଥିବା ଦ୍ରବ୍ୟଗୁଡ଼ିକ ମଧ୍ୟରୁ କେତେକ ଆମ ଅଞ୍ଚଳରେ ମିଳେ ଓ ଆଉ କେତେକ ଦ୍ରବ୍ୟ ବାହାରୁ ଅଣାଯାଏ । ଅନ୍ୟ ରାଜ୍ୟ ତଥା ଅନ୍ୟ ସ୍ଥାନରୁ ଆମର ବ୍ୟବହାର ପାଇଁ ବିଭିନ୍ନ ଦ୍ରବ୍ୟ ଆଣିବାକୁ **ଆମଦାନୀ** କୁହାଯାଏ । ଆମଦେଶରେ ଆବଶ୍ୟକ ମୁତାବକ ଖଣିଜ ତେଲ ମିଳେ ନାହିଁ । ଏଣୁ ଅନ୍ୟ ଦେଶରୁ ଆମକୁ ଖଣିଜ ତୈଳ ଆମଦାନୀ କରିବାକୁ ପଡ଼ିଥାଏ । ଏହା ବ୍ୟତୀତ ଆମ ଦେଶ ଅନ୍ୟଦେଶରୁ ଯନ୍ତ୍ରପାତି, ସାର, ଟିଣ, କାଗଜ, ଖାଇବା ତେଲ, ଦସ୍ତା, ଗହମ ଇତ୍ୟାଦି ଆମଦାନୀ କରିଥାଏ ।


ଜାହାଜରେ ଲୁହାପଥର ଲଦା ହେଉଛି


ଜାହାଜରୁ ମାଲ ଖଲାସ କରାଯାଉଛି

ଗୋଟିଏ ଦେଶର ଚାହିଦାଠାରୁ ଅଧିକ ଉତ୍ପନ୍ନ ହେଉଥିବା ଖାଦ୍ୟ ଶସ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ ଆବଶ୍ୟକ କରୁଥିବା ଅନ୍ୟ ଦେଶକୁ ପଠାଯାଇଥାଏ । ଏହାକୁ **ରପ୍ତାନି** କୁହାଯାଏ । ଆମ ଦେଶ ରପ୍ତାନି କରୁଥିବା ମୁଖ୍ୟ ଦ୍ରବ୍ୟଗୁଡ଼ିକ ହେଲା ଚିନି, ଝୋଟ, ଚାଉଳ, ଚା, କପାଳୁଗା, ଲୁହା, ଲୁହା ପଥର, ବକ୍ସାଇଟ୍, ମାଙ୍ଗାନିଜ ପଥର, ଅଭ୍ର, ଫେରୋକ୍ରମ୍, ଚିଙ୍ଗୁଡ଼ି, ମାଛ ଇତ୍ୟାଦି ।

ଆମଦାନୀ ଓ ରପ୍ତାନି ହେବା ଫଳରେ ଦେଶ ଦେଶ ମଧ୍ୟରେ ସୁସମ୍ପର୍କ ବଢ଼େ । ଯୁକ୍ତରାଷ୍ଟ୍ର ଆମେରିକା, ଜାପାନ, ସୋଭିଏତ୍ ଦେଶ, ଯୁକ୍ତରାଜ୍ୟ (ବିଲାତ) ପ୍ରଭୃତି ଦେଶ ସହ ଆମର ବେଶି ଆମଦାନୀ ରପ୍ତାନି କାରବାର ହୁଏ ।

ତୁମ ଅଞ୍ଚଳର ମଧ୍ୟ କେତେଗୁଡ଼ିଏ ଜିନିଷ ବାହାରକୁ ଯାଏ ଓ ଅନ୍ୟ କେତେଗୁଡ଼ିଏ ଜିନିଷ ତୁମ ଅଞ୍ଚଳକୁ ଆସେ । ସେଗୁଡ଼ିକର ତାଲିକା କର ।

| ତୁମ ଅଞ୍ଚଳରୁ ରପ୍ତାନି ହେଉଥିବା ଦ୍ରବ୍ୟ | ତୁମ ଅଞ୍ଚଳକୁ ଆମଦାନୀ ହେଉଥିବା ଦ୍ରବ୍ୟ |
| --- | --- |
| | |
| | |
| | |
| | |
| | |
| | |

ଆମଦେଶର ଆମଦାନୀ ଓ ରପ୍ତାନି ସ୍ଥଳପଥ, ଜଳପଥ ଓ ଆକାଶପଥରେ ହୋଇଥାଏ । ଏବେ ମାନଚିତ୍ର ଦେଖି କେଉଁ କେଉଁ ଦେଶ ସହିତ ସ୍ଥଳ ପଥରେ ଆମଦାନୀ / ରପ୍ତାନି କାରବାର ହୋଇପାରିବ କୁହ ।







ଏହି ମାନଚିତ୍ରରୁ ଆମେ ଜାଣିଲେ ଭାରତ ସହିତ ତାହାର ପଡ଼ୋଶୀଦେଶ ପାକିସ୍ତାନ, ବଙ୍ଗଳାଦେଶ, ନେପାଳ, ଚୀନ, ଭୁଟାନ ପ୍ରଭୃତି ଦେଶର ସଡ଼କପଥରେ ଯୋଗାଯୋଗ ବ୍ୟବସ୍ଥା ରହିଛି । ମାତ୍ର ସ୍ଥଳପଥରେ ଦୂରଦୂରାନ୍ତ ଦେଶଗୁଡ଼ିକ ସହିତ ଗମନାଗମନର ସୁବିଧା ସୁଯୋଗ ନାହିଁ । ସେଥିପାଇଁ ଜଳପଥ ଓ ଆକାଶପଥ ବ୍ୟବହାର କରାଯାଏ ।

ଆମ ଦେଶର ପ୍ରଧାନ ବନ୍ଦରଗୁଡ଼ିକ ଯଥା କୋଲକତା, ପାରାଦ୍ୱୀପ, ବିଶାଖାପାଟଣା, ଚେନ୍ନାଇ, କାଣ୍ଡଲା, କୋଚିନ୍, ମୁମ୍ବାଇ ଇତ୍ୟାଦିରୁ ଜଳପଥ ଦେଇ ପୃଥିବୀର ବିଭିନ୍ନ ଦେଶକୁ ଯାତାୟାତ କରିଥାଉ ଓ ମାଲ୍ ପରିବହନ କରିଥାଉ । ଆଉ ମଧ୍ୟ ଯୁକ୍ତରାଷ୍ଟ୍ର ଆମେରିକା, ଆଫ୍ରିକା, ଅଷ୍ଟ୍ରେଲିଆ, ଇଂଲଣ୍ଡ, ଶ୍ରୀଲଙ୍କା ସହିତ ବାଣିଜ୍ୟ କାରବାର (ଆମଦାନୀ ଓ ରପ୍ତାନି) କରିଥାଉ । (ଦିଆଯାଇଥିବା ମାନଚିତ୍ରରେ ବନ୍ଦର ଓ ଜଳପଥଗୁଡ଼ିକ ଦେଖ)




ଆକାଶପଥ ହେଉଛି ଯୋଗାଯୋଗ ଓ ଗମନାଗମନର ସବୁଠାରୁ ଉତ୍କୃଷ୍ଟ ମାଧ୍ୟମ । ଉଡ଼ାଜାହାଜରେ ଆମେ ପୃଥିବୀର ଯେକୌଣସି ସ୍ଥାନକୁ ଅଳ୍ପ ସମୟରେ ଯାଇଥାଉ । ଅନ୍ୟ ପକ୍ଷରେ ଉଡ଼ାଜାହାଜରେ ମଧ୍ୟ କେତେକ ଜିନିଷ (ହାଲୁକା ଓ ଛୋଟ) ଆମଦାନୀ ଓ ରପ୍ତାନି ହୁଏ । ଯଥା- କ୍ୟାସେଟ୍, ସଫଟ୍‌ୱୟାର, ହୀରା ଇତ୍ୟାଦି । ଆମ ଦେଶର ୪ଟି ଆର୍ନ୍ତଜାତୀୟ ବିମାନ ଘାଟି ହେଉଛି କୋଲ୍‌କତା, ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ । ସେହି ବିମାନଘାଟିଗୁଡ଼ିକରୁ ପ୍ରତିଦିନ ଉଡ଼ାଜାହାଜ ଇଂଲଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା, ଜର୍ମାନୀ, ଚୀନ, ଆଫ୍ରିକା, ଅଷ୍ଟ୍ରେଲିଆ, ଫ୍ରାନ୍ସ, ଆରବଦେଶ ଇତ୍ୟାଦି ଦେଶକୁ ଯାଏ । ଏହା ବ୍ୟତୀତ ଆମ

ଦେଶ ଭିତରେ ଆକାଶ ପଥରେ ଯିବାପାଇଁ ବିଭିନ୍ନ ରାଜ୍ୟରେ ବିମାନଘାଟି ଅଛି । ମାନଚିତ୍ରରୁ ଆକାଶପଥଗୁଡ଼ିକ ଦେଖି ସେଗୁଡ଼ିକର ନାମ ଲେଖ ।




## ଆମେ କ'ଣ ଶିଖିଲେ :

- ଆବଶ୍ୟକତା ଅନୁସାରେ ସମସ୍ତ ଦ୍ରବ୍ୟ ନିଜ ଦେଶରେ ମିଳେ ନାହିଁ । ତେଣୁ ସେହି ଦ୍ରବ୍ୟଗୁଡ଼ିକର ଚାହିଦା ପୂରଣ ପାଇଁ ଅନ୍ୟ ଦେଶରୁ ଆଣିବାକୁ ପଡ଼ିଥାଏ । ଏହାକୁ ଦେଶର ଆମଦାନୀ କୁହାଯାଏ ।
- ଆମ ଦେଶର ପ୍ରଧାନ ଆମଦାନୀ ଦ୍ରବ୍ୟଗୁଡ଼ିକ ହେଲା ଖଣିଜ ତୈଳ, ସାର, ତମ୍ବା, ଦସ୍ତା, ଯନ୍ତ୍ରାଂଶ, ଟିଣ, କାଗଜ ।
- ଆମ ଦେଶର ଚାହିଦାଠାରୁ ଅଧିକ ଉତ୍ପନ୍ନ ହେଉଥିବା ଦ୍ରବ୍ୟଗୁଡ଼ିକ ଅନ୍ୟଦେଶକୁ ପଠାଯାଏ । ଏହାକୁ ରପ୍ତାନି କୁହାଯାଏ ।
- ଆମ ଦେଶ ରପ୍ତାନି କରୁଥିବା ଦ୍ରବ୍ୟଗୁଡ଼ିକ ହେଲା ଚିନି, ଝୋଟ, ଚାଉଳ, ଚା', କପାଲୁଗା, ଲୁହା, ଲୁହାପଥର, ବକ୍‌ସାଇଟ୍, ମାଙ୍ଗାନିଜ୍ ପଥର, ଅଭ୍ର, ଫେରୋକ୍ରୋମ, ମାଛ, ଚିଙ୍ଗୁଡ଼ି ଇତ୍ୟାଦି ।
- ଆମଦେଶର ଆମଦାନୀ ଓ ରପ୍ତାନି ମୁଖ୍ୟତଃ ସ୍ଥଳପଥ, ଜଳପଥ ଓ ଆକାଶପଥରେ ହୋଇଥାଏ ।
- ଜଳପଥରେ ଭାରି ଦ୍ରବ୍ୟଗୁଡ଼ିକ ପଠାଯାଉଥିବାବେଳେ ହାଲୁକା ଦ୍ରବ୍ୟଗୁଡ଼ିକ ଆକାଶପଥରେ ପଠାଯାଏ ।

# ଅଭ୍ୟାସ

୧. ଖାଲି ସ୍ଥାନରେ ଆମ ଦେଶ ଆମଦାନୀ ଓ ରପ୍ତାନି କରୁଥିବା ଦ୍ରବ୍ୟଗୁଡ଼ିକର ନାମ ଲେଖ ।

| ଆମଦାନୀ ଦ୍ରବ୍ୟ | ରପ୍ତାନି ଦ୍ରବ୍ୟ |
|---|---|
| | |
| | |
| | |
| | |
| | |
| | |

୨. ପାର୍ଥକ୍ୟ ଲେଖ ।

ଆମଦାନୀ ଓ ରପ୍ତାନି

୩. ଆମର ଆମଦାନୀ ଓ ରପ୍ତାନି ମୁଖ୍ୟତଃ ଜଳପଥରେ ହୁଏ କାହିଁକି ?

୪. (କ) ଆମ ଦେଶର ପ୍ରଧାନ ବନ୍ଦରଗୁଡ଼ିକର ନାମ ଲେଖ ।

(ଖ) ଆମ ଦେଶର ପ୍ରଧାନ ବିମାନ ଘାଟିଗୁଡ଼ିକର ନାମ ଲେଖ ।

୫. ଭାରତର ପଡ଼ୋଶୀ ଦେଶଗୁଡ଼ିକର ନାମ ଲେଖ । ସେମାନଙ୍କ ମଧ୍ୟରୁ କେଉଁମାନଙ୍କ ସହ ଆମର ସଡ଼କପଥରେ ବାଣିଜ୍ୟ କାରବାର ହୁଏ ?